## ବିଡିଆର୍ କପ୍ କ୍ରିକେଟ: ତିଲିଆ ଚାମ୍ପିୟନ

ବ୍ରଜରାଜନଗର,(ଡି.ଏନ.ଏ.): ସ୍ଥାନୀୟ ଚିଟିଣ୍ଡା ଖେଳପଡିଆରେ ଦୁଇ ଦିନ ଧରି ଚାଲିଥିବା ପ୍ରଥମ ବିଡିଆର କପ୍ କ୍ରିକେଟ ପ୍ରତିଯୋଗିତାରେ ଲୋଇସିଂକୁ ହରାଇ ତିଲିଆ ଚାମ୍ପିୟନ ହୋଇଛି। ତିଲିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫୬ ରନ କରିଥିଲା। ଜବାବରେ ଲୋଇସିଂ ୪୦ ରନ କରି ହାରିଯାଇଥିଲା। ସାମାଜିକ କର୍ମୀ ବିଶ୍ୱଲୋଚନ ଭୋଇ ମୁଖ୍ୟଅତିଥି, ପର୍ଶୁରାମ ପଟେଲ, ସୁମନ୍ତ ପଟେଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କ୍ଲବର କାହ୍ନା, ଅଜିତ, ବିମଳ, ସରୋଜ ସହାୟତା ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସ୍ପୋର୍ଟିଂ ୟୁନିୟନ ଆୟୋଜିତ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ହାୱା ମଇଦାନ, ପୂର୍ବାହ୍ନ ୯ଟା ।
- ଜିଲାସ୍ତରୀୟ କବାଡି ଚୟନ ଶିବିର, ମନ୍ଦଲିଆ ପଡିଆ, ସକାଳ ୭ଟା ।
- ଜିଲାସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ହାଟପଡା ବୀର ବଜରଙ୍ଗ ସଂଘ, ପୂର୍ବାହ୍ନ ୯ଟା ।

## ସଂକ୍ଷେପରେ

### ଭିମ୍‌ସାରରେ ମୋତିଆବିନ୍ଦୁ ସପ୍ତାହ

ସମ୍ବଲପୁର,୧୨।୩(ବ୍ୟୁରୋ): ବୁର୍ଲା ଭିମସାରରେ ଚକ୍ଷୁ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ମୋତିଆ ବିନ୍ଦୁ ସପ୍ତାହ ପାଳନ କରାଯାଇଛି। ଭିମସାର ଅଧୀକ୍ଷକ ଡାକ୍ତର ଲାଲମୋହନ ନାଏକ, ପ୍ରଫେସର ଗୁଣସାଗର ଦାସ, ପ୍ରଫେସର ଶୋଭାଗୀନି ଆଚାର୍ଯ୍ୟ, ପ୍ରଫେସର ପିକେ ମିଶ୍ର, ପ୍ରଫେସର ବିବି ପଣ୍ଡା, ପ୍ରଫେସର ସୁନନ୍ଦା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ଶର୍ମିଷ୍ଠା ବେହେରା ଗ୍ଲୁକୋମା ଓ ତା'ର ଉପଚାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡାକ୍ତର ରୁଦ୍ର ପ୍ରସାଦ ପଣ୍ଡା ଚକ୍ଷୁ ରୋଗୀଙ୍କୁ ଚିକିତ୍ସାସେବା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଡାକ୍ତର ସୋମୀ ପୁରୋହିତ ଧନ୍ୟବାଦ ଦେଇଥିଲେ।

### ଆୟତ୍ତ ହେଉଛି ସଂରକ୍ଷିତ ଜଙ୍ଗଲର ନିଆଁ

ସମ୍ବଲପୁର, ୧୨।୩ (ବ୍ୟୁରୋ): ସମ୍ବଲପୁର ବନଖଣ୍ଡର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁ ଆୟତ୍ତ ହେଉଛି। ଶୁକ୍ରବାର ସନ୍ଧ୍ୟାରେ ମିଳିଥିବା ରିପୋର୍ଟ ଅନୁସାରେ ମୋଟ ୧୯ ସ୍ଥାନରେ ସାମାନ୍ୟ ନିଆଁ ଲାଗିଥିବା ଚିହ୍ନଟ କରାଯାଇଛି। ସେଗୁଡିକ ହେଲା ଧମା ରେଞ୍ଜରେ ୨ଟି ସ୍ଥାନ, ପଡିଆବାହାଲ ରେଞ୍ଜରେ ୪, ରେଙ୍ଗାଲି ରେଞ୍ଜରେ ୯, ସଦର ରେଞ୍ଜରେ ୪ ସ୍ଥାନରେ ନିଆଁ ଲାଗିଛି। ଟାଉନ ରେଞ୍ଜରେ କୌଣସି ସ୍ଥାନରେ ନିଆଁ ଲାଗିଥିବା ସୂଚନା ନାହିଁ। ନିଆଁକୁ ଆୟତ୍ତ ପାଇଁ ୩୩ ୟୁନିଟ୍ କାର୍ଯ୍ୟ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବନ କର୍ମଚାରୀ, ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ବିଭିନ୍ନ ସ୍ଥାନରେ ସଚେତନ ସଭା ଓ ରାଲି କରାଯାଉଛି। ଲିଫଲେଟ ବଣ୍ଟନ ସହ ନିଆଁ ଲିଭାଇବା ପାଇଁ ତାଲିମ ପ୍ରଦାନ କରାଯାଉଛି।

### ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ ଆଜାଦିକା ଅମୃତ ମହୋତ୍ସବ

ସମ୍ବଲପୁର, ୧୨।୩ (ବ୍ୟୁରୋ): ଆଜାଦିକା ଅମୃତ ମହୋତ୍ସବ ଶୁକ୍ରବାର ସମ୍ବଲପୁର ଜିଲା ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟଠାରେ ଅନୁଷ୍ଠିତ ହୋଇଯାଇଛି। ଆଶିଷ ଦାଶ ସଂଯୋଜନା କରିଥିଲେ ଇନଷ୍ଟିଚ୍ୟୁଟର ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଯୋଗଦେଇ ଦେଶ ସ୍ୱାଧୀନତାର ୭୫ ବର୍ଷ ଓ ଦାଣ୍ଡି ମାର୍ଚ୍ଚ ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ଫ୍ଲାଏ ଆଶ୍ ନ ମିଳିବାରୁ ବନ୍ଦ ହେବ କାରଖାନା

ସମ୍ବଲପୁର,୧୨।୩(ବ୍ୟୁରୋ)


ଡିଆଇସି ଜିଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି ସଂଘ କର୍ମକର୍ତ୍ତା।

**ଡିଆଇସି ଜିଏମ୍‌ଙ୍କୁ ଭେଟିଲା ମାଲିକ ସଂଘ**
- ପ୍ରତିଶ୍ରୁତି ପାଳନ କରୁନାହିଁ କମ୍ପାନୀ
- ରୋଜଗାର ହରାଇବେ ୩ ହଜାର ଲୋକ

ସରକାର ଗୋଟିଏ ପଟେ ଶିଳ୍ପ କଳକାରଖାନାକୁ ପ୍ରୋତ୍ସାହନ ଦେଉଛନ୍ତି। ଉଦ୍ୟୋଗୀ ହୋଇ ରୋଜଗାର ସୃଷ୍ଟି କରିବାକୁ ପରାମର୍ଶ ଦେଉଛନ୍ତି। ହେଲେ କମ୍ପାନୀ ଖୋଲିବା ପରେ ତାକୁ କିଭଳି ଚଲାଯିବ ସେ ନେଇ ଚିନ୍ତା କରୁନାହାନ୍ତି। କମ୍ପାନୀକୁ କଞ୍ଚାମାଲ (ଫ୍ଲାଏଆଶ୍) କିଭଳି ମିଳିବ ସେ ନେଇ ପଦକ୍ଷେପ ନେଉନାହାନ୍ତି। ସମ୍ବଲପୁର ଫ୍ଲାଏଆଶ୍ ମାଲିକ ସଂଘ ଡିଆଇସି ଜିଏମ୍ ବିଷ୍ଣୁ ପ୍ରସାଦଙ୍କୁ ଭେଟି ଏଭଳି ଅଭିଯୋଗ ଆଣିଛି। ସେଥିରେ ଦର୍ଶାଯାଇଛି, ପୂର୍ବରୁ ହିଣ୍ଡାଲ୍‌କୋ କମ୍ପାନୀ ଫ୍ଲାଏଆଶ୍ ଦେଉ ନ ଥିବା ନେଇ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହାକୁ ନେଇ ପୋଲିସ, କମ୍ପାନୀ ଓ ମାଲିକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ବୈଠକରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଗଲା ନାହିଁ। ଏବେ କଞ୍ଚାମାଲ ଅଭାବରୁ ଫ୍ଲାଏଆଶ୍ ଇଟା ତିଆରି ହୋଇ ପାରୁନାହିଁ। ଅନେକ କମ୍ପାନୀ ବନ୍ଦ ହେବାକୁ ବସିଛି। ଏଥିଯୋଗୁ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୩ ହଜାରରୁ ଅଧିକ ଶ୍ରମିକ ରୋଜଗାର ହରାଇବେ। ମାଲିକମାନେ ମଧ୍ୟ ବ୍ୟାଙ୍କ ଋଣ ପରିଶୋଧ କରି ପାରୁନାହାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଜିଏମ୍ ବିଷ୍ଣୁ ପ୍ରସାଦ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଆଲୋଚନାରେ ପଞ୍ଚାନନ ତ୍ରିପାଠୀ, ଅନୀଲ ଶର୍ମା, ଅତିଫ ଆଲମ, ଚନ୍ଦ୍ର ସାହା, ଲଳିତ ଅଗ୍ରୱାଲ, ସୁରେନ୍ଦ୍ର କୁମାର ଚୌଧୁରୀ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଜିଲାରେ ମୋଟ ୮୦ ଫ୍ଲାଏଆଶ୍ ବ୍ରିକ୍ସ ତିଆରି କାରଖାନା ରହିଛି। ନିକଟସ୍ଥ କମ୍ପାନୀରୁ ନିର୍ଗତ ହେଉଥିବା ଫ୍ଲାଏଆଶ୍ କାରଖାନାକୁ ଯୋଗାଇବା ନିୟମ ରହିଛି। ହେଲେ କମ୍ପାନୀ ଏହା ଦେବାକୁ ମନା କରି ବାରୁ କାରଖାନା ମାଲିକମାନେ ଚିନ୍ତାରେ ରହିଛନ୍ତି।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

ରେଢାଖୋଲ,୧୨।୩ (ଡି.ଏନ.ଏ.)

ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ରେଢାଖୋଲ ଥାନା ବଡବାହାଲ ଗ୍ରାମ ନିକଟରେ ଶୁକ୍ରବାର ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲଇଣ୍ଡାମାଳ ଗ୍ରାମର ଶୁଭକାନ୍ତ ପ୍ରଧାନ (୫୦)। ରେଢାଖୋଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଦୁର୍ଘଟଣାଜନିତ ମାମଲା (ନଂ.୫୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୌଦ୍ଧ ମହାନଦୀରୁ ବାଲି ବୋଝେଇ କରି ସମ୍ବଲପୁର ଯାଉଥିବା ହାଇୱା (ଓଡି୧୫ଜି-୨୬୫୫) ବଡବାହାଳ ନିକଟରେ ଲଇଣ୍ଡାମାଳ ଗ୍ରାମରୁ ରେଢାଖୋଲ ସାଇକେଲରେ ଆସୁଥିବା ଶୁଭକାନ୍ତଙ୍କୁ ଧକ୍କା ଦେଇ ଫେରାର ଉଦ୍ୟମ କରିଥିଲା। ପୋଲିସ ପିଛାକରି ହାଇୱା ଜବତ କରିବା ସହ ଚାଳକ କିଆକଟା ଥାନା ବାଜପୁର ଗ୍ରାମର ପ୍ରଦୀପ ପ୍ରଧାନଙ୍କୁ ଗିରଫ କରିଛି। ଗୁରୁତର ଅବସ୍ଥାରେ ଶୁଭକାନ୍ତଙ୍କୁ ରେଢାଖୋଲ ଡାକ୍ତରଖାନା ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଶୁଭକାନ୍ତଙ୍କ ପୁଅ ଜିତୁ ପ୍ରଧାନ ତାଙ୍କ ବାପାଙ୍କୁ ହାଇୱା ଚାଳକ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଧକ୍କା ଦେଇଥିବା ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ସୌମ୍ୟରଞ୍ଜନ ମହାଲିକ କହିଛନ୍ତି।

# ଜିଲାର ୧୦ ଜଣିଆ ଟିମ୍ ଚୟନ


କାର୍ଯ୍ୟକ୍ରମରେ କର୍ମକର୍ତ୍ତାଙ୍କ ସହ ସଭ୍ୟମାନେ ।

ସମ୍ବଲପୁର, ୧୨।୩(ବ୍ୟୁରୋ)

**୧୪ରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଚଳିତ ମାସ ୧୪ ତାରିଖରେ ରାୟଗଡା ଟିକିରିଠାରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୨୭ରେ ବଲାଙ୍ଗୀରଠାରେ ସିନିୟର ମିଷ୍ଟର ଓଡ଼ିଶା ପ୍ରତିଯୋଗିତା ହେବାକୁ ସ୍ଥିର ହୋଇଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସମ୍ବଲପୁର ଜିଲା ବଡି ବିଲ୍ଡର୍ସ ଓ ଫିଟନେସ୍ ଆସୋସିଏଶନ ପକ୍ଷରୁ ୧୦ଜଣିଆ ଟିମ୍ ଚୟନ କରାଯାଇଛି। ଏଥିରେ ବିଶ୍ୱରଞ୍ଜନ ନାୟକ, ଏମ୍‌ଡି ତସଲିମ, କପିଳ ତାଣ୍ଡି, ଶଙ୍କର ମେହେର, ରଞ୍ଜିତ ସିକନ୍ଦର, ଶିବ ବାଗ, ଚିନ୍ମୟ ପ୍ରସାଦ, ଭୀମସେନ ଖଡିଆ, ନିଖିଳ କନ୍ଧ, ସୁରେନ୍ଦ୍ର ପ୍ରଧାନ ଓ ମହିଳା ବର୍ଗରେ ଲିଲି ବେହେରା ରହିଛନ୍ତି। ଏହି ଟିମ୍ ଶନିବାର ରାୟଗଡା ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଆସୋସିଏଶନ ସଭାପତି ସତିଶ ବିଶିଙ୍କ ପରିଚାଳନା ଓ କାର୍ଯ୍ୟକାରୀ ସଭାପତି ନିଶାନ୍ତ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଦିଆଯାଇଥିଲା।

# ହୀରାଖଣ୍ଡ ନାଟ୍ୟ ମହୋତ୍ସବ ପ୍ରସ୍ତୁତି ଚୂଡ଼ାନ୍ତ

ସମ୍ବଲପୁର, ୧୨।୩ (ବ୍ୟୁରୋ)



ନାଟ୍ୟ ମହୋତ୍ସବ ବିଷୟରେ ଅତିଶ ସୂଚନା ଦେଉଛନ୍ତି ।

**ଗାନ୍ଧିଜୀ, ସୁରେନ୍ଦ୍ର ସାଏଙ୍କୁ ଉତ୍ସର୍ଗ କରାଯିବ**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ବିଶାଳ ସଂସ୍କୃତି ବିଭାଗ, କେନ୍ଦ୍ର ସଙ୍ଗୀତ ଏକାଡେମୀ ଆନୁକୂଲ୍ୟରେ ଚଳିତମାସ ୧୫ରୁ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ୧୫ ଓ ୧୬ ତାରିଖରେ ହେବାକୁ ଥିବା ମହୋତ୍ସବକୁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ଉତ୍ସର୍ଗ କରାଯିବ। ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ ଆୟୋଜକ ଅଦୃଶ୍ୟ ନାଟ୍ୟ ଆଶ୍ରମ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ, ମହୋତ୍ସବର ପ୍ରଥମ ଦିନରେ ଅତିଶ କୁମାର ଶତପଥୀଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ବୈଷ୍ଣବ ଜନତୋ ଓ ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ, ନିର୍ଦ୍ଦେଶିତ ନାଟକ ଗାନ୍ଧୀ ରାଏଜେ ପରିବେଶିତ ହେବ। ସେହିପରି ଦ୍ୱିତୀୟ ଦିନରେ ଡ. କେଶ ରଞ୍ଜନ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଶିଶୁ ନାଟକ ଲେଙ୍ଗଡା ରାଜା, ଡ. ଦ୍ୱାରିକା ନାଥଙ୍କ ରଚିତ ଅସରିଗଡର୍ ବୀର ଗାଥା ମଞ୍ଚସ୍ଥ ହେବାକୁ ସ୍ଥିର ହୋଇଛି। ଏହି ମହୋତ୍ସବକୁ ଦୃଷ୍ଟିରେ ରଖି ୧୪ ତାରିଖ ସକାଳେ ନାଟକ କର୍ମଶାଳା ହେବ। ଏଥିରେ ୨୫ଜଣ କଳାକାର ସାମିଲ ହେବେ। ସେହିପରି ୧୬ ତାରିଖ ପୂର୍ବାହ୍ନରେ ସମ୍ବଲପୁରୀ ନାଟକର ଆଦ୍ୟ, ଅଧୁନା ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ହେବ। ଏଥିରେ ବରିଷ୍ଠ ଅଭିନେତା, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଭାଗ ନେବେ। କରୋନା କଟକଣାକୁ ଦୃଷ୍ଟିରେ ରଖି ପ୍ରେକ୍ଷାଳୟରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ଦର୍ଶକଙ୍କ ସଂଖ୍ୟା ମଧ୍ୟ କମ୍ ରହିବ। ଖବରଦାତା ସମ୍ମିଳନୀରେ ନାଟ୍ୟ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ, ମଞ୍ଚ ଅଭିନେତା ନରେନ୍ଦ୍ର ବେହେରା ଓ ସୁବଳ ବାଗ ଉପସ୍ଥିତ ରହି ସୂଚନା ଦେଇଥିଲେ।

## ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଚାଷୀ

ଦେବଗଡ଼,୧୨।୩(ଡି.ଏନ୍.ଏ.)

ଦେବଗଡ଼ ଜିଲାର ବିଭିନ୍ନ କୃଷି ସମବାୟ ସମିତିରେ ପଞ୍ଜିକୃତ ଚାଷୀମାନଙ୍କର ଧାନ କିଣିବା ପାଇଁ ଆବଶ୍ୟକ ପରିମାଣର ଟାର୍ଗେଟ ପ୍ରଦାନ କରାଯାଉ ନ ଥିବାରୁ ଚାଷୀମାନେ ଧାନ ବିକ୍ରୀ କରି ନ ପାରି ହତାଶ ହୋଇପଡିଛନ୍ତି। ଅନ୍ୟପକ୍ଷରେ ଧାନ ବିକ୍ରି ପାଇଁ ପୂର୍ବରୁ ଚାଷୀମାନେ ପାଇଥିବା ଟୋକନଗୁଡିକ ଲ୍ୟାପ୍ସ ହେବାରେ ଲାଗିଛି । ଏନେଇ ଗରିବ ଚାଷୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ଧାନକ୍ରୟ ନିମନ୍ତେ ଅଧିକ ଟାର୍ଗେଟ ପ୍ରଦାନ ଓ ଲ୍ୟାପ୍ସ ଟୋକନଗୁଡିକୁ ପୁନଃ ଚଳନକ୍ଷମ କରିବା ପାଇଁ ଗୁହାରୀ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଧାନକ୍ରୟ ପାଇଁ ତିଲେଇବଣି ବ୍ଲକ କଂସର ଓ କେନ୍ଦଦେଇଜୁରୀ କୃଷି ସମବାୟ ସମିତିକୁ ଅଧିକ ଟାର୍ଗେଟ ଓ ଟୋକନ ଗୁଡିକୁ ପୁନଃ ଚଳନକ୍ଷମ କରିବା ଦାବିରେ ଆସନ୍ତା ୧୮ ତାରିଖ ଉପରୋକ୍ତ ୨ଟି ଯାକ କୃଷି ସମବାୟ ସମିତି ଅଧିନସ୍ଥ ଚାଷୀମାନେ ଗୁଣ୍ଡେଇମରା ଛକଠାରେ ଜାତୀୟ ରାଜପଥକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଶୁକ୍ରବାର ଏନେଇ ଉକ୍ତ ୨ଟି ଯାକ କୃଷି ସମବାୟ ସମିତି ଅଧିନସ୍ଥ କଂସର, କେନ୍ଦେଇଜୁରୀ, ପାଳକୁନ୍ଦର, ସଡୋ ଓ ଢୋଲପଡା ଗ୍ରାମ ପଞ୍ଚାୟତର ବହୁ ଚାଷୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ବସାଲଇ କୃଷି ସମବାୟ ସମିତି ଅଧିନସ୍ଥ ପଞ୍ଜିକୃତ ଚାଷୀଙ୍କର ସମସ୍ୟାର ସମାଧାନ ଦାବିରେ କୃଷକ ନେତା ସଚ୍ଚିଦାନନ୍ଦ ପଟ୍ଟନାୟକ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ।

## ଗଛ ପଡ଼ି ଭାଙ୍ଗିଲା ଘର : ବୃଦ୍ଧା ନିରାଶ୍ରୟ

ଦେବଗଡ଼,୧୨।୩(ଡି.ଏନ.ଏ.)



ଗୁରୁବାର ଅପରାହ୍ନରେ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ଏବଂ କରକାପାତ ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇବା ସହ ଜଙ୍ଗଲରେ ଲାଗିଥିବା ନିଆଁ ମଧ୍ୟ ନିୟନ୍ତ୍ରଣ ହୋଇପାରିଛି। ତେବେ ବର୍ଷା ସହ ପବନଦ୍ୱାରା ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ସରାବରାହ ବାଧାପ୍ରାପ୍ତ ହେବାସହ କେତେକ ସ୍ଥାନରେ ଘର ମଧ୍ୟ ଭାଙ୍ଗିଥିବା ସୂଚନା ମିଳିଛି । ତିଲେଇବଣି ବ୍ଲକ ଅନ୍ତର୍ଗତ ଅଶୁରଖୋଳ ଗ୍ରାମରେ ଗଛଭାଙ୍ଗି ଜଣେ ବିଧବା ବୃଦ୍ଧାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ବୃଦ୍ଧା ଜଣକ ନିରାଶ୍ରୟ ହୋଇପଡିଛନ୍ତି । ଏ ନେଇ ସ୍ଥାନୀୟ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ନିରାଶ୍ରୟ ବୃଦ୍ଧାଙ୍କୁ କୌଣସି ସହାୟତା ମିଳିପାରି ନାହିଁ । ଏଣୁ ସରକାରଙ୍କ ପକ୍ଷରୁ ତାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

# ୨୭ରେ ସ୍କୁଲସ୍ତରୀୟ ଅତିକ୍ଷୁଦ୍ର ନାଟକ ପ୍ରତିଯୋଗିତା

ସମ୍ବଲପୁର, ୧୨।୩ (ବ୍ୟୁରୋ)

ଓଡ଼ିଶା ସାଂସ୍କୃତିକ ସମାଜ ଓ ଜନ ନାଟ୍ୟ ମଞ୍ଚ ମିଳିତ ଆୟୋଜନରେ ଚଳିତ ମାସ ୨୭ ତାରିଖରେ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ସ୍କୁଲସ୍ତରୀୟ ଅତିକ୍ଷୁଦ୍ର ନାଟକ ପ୍ରତିଯୋଗିତା ହେବ। ଏଥିରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇପାରିବେ। ନାଟକର ସମୟ ଅବଧି ସର୍ବନିମ୍ନ ୮ ମିନିଟ ଓ ସର୍ବାଧିକ ୧୫ ମିନିଟ ରହିବା ଆବଶ୍ୟକ। ଶୁକ୍ରବାର ଏକ ପ୍ରେସ ବିବୃତିରେ ଓଡ଼ିଶା ସାଂସ୍କୃତିକ ସମାଜ ସାଧାରଣ ସମ୍ପାଦକ ସରୋଜ ଦାଶ ଏହି ସୂଚନା ଦେଇଛନ୍ତି।

# ଧାନବିକ୍ରି ସମସ୍ୟାର ପ୍ରତିବାଦ

ଦେବଗଡ଼,୧୨।୩(ଡି.ଏନ.ଏ.)

**ଭାଜପା ପକ୍ଷରୁ କୁଶପୁତ୍ତଳିକା ଦାହ**

ଦେବଗଡ ଜିଲାରେ ଧାନ ବିକ୍ରି ସମସ୍ୟା ପ୍ରତିବାଦରେ ଦେବଗଡ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ଶୁକ୍ରବାର ରାତ୍ରି ପ୍ରାୟ ୮ଟାରେ ଦେବଗଡ ଜିଲା ଭାଜପା ସମ୍ପାଦକ ଅକାଲୁ ଧଳ, ଦେବଗଡ ନଗର ଭାଜପା ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ରମଣୀରଞ୍ଜନ ଆଚାର୍ଯ୍ୟ, ରାଜେନ୍ଦ୍ର ଆଚାର୍ଯ୍ୟ, ରଞ୍ଜନ କୁମାର ଦ୍ୱିବେଦୀ, ଚନ୍ଦ୍ରଶେଖର ମହାପାତ୍ର, ସୁଧିର କୁମାର ପ୍ରଧାନ, ପ୍ରତାପ କୁମାର ପଣ୍ଡା, ଜଗନ୍ନାଥ ବେହେରା, ତାପସ କୁମାର ମହାପାତ୍ର, ମନୋଜ କୁମାର ମହାପାତ୍ର ଓ ସୁଧିର କୁମାର ପାତ୍ରଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକତ୍ରିତ ହୋଇଥିଲେ। ସେଠାରେ ରାଜ୍ୟ ସରକାରଙ୍କୁ କୃଷକ ବିରୋଧୀ ଦର୍ଶାଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ କୁଶପୁତ୍ତଳିକା ଦାହ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଦେବଗଡ ଜିଲାରେ ଧାନବିକ୍ରି ସମସ୍ୟା ସମାଧାନ ଦାବିରେ ଦେବଗଡର ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପୂର୍ବରୁ ବିଧାନସଭାରେ ଦାବି କରିବା ସହ ଦାବିପୂରଣ ନ ହେଲେ ତାଙ୍କୁ ଆତ୍ମହତ୍ୟା କରିବାକୁ ପଡିବ ବୋଲି ଚେତାବନୀ ଦେଇଥିଲେ । ମାତ୍ର ଦାବି ପୂରଣ ନ ହେବାରୁ ଶୁକ୍ରବାର ସେ ବିଧାନସଭାରେ ଆତ୍ମହତ୍ୟା ପାଇଁ ସାନିଟାଇଜର ପିଇବାକୁ ଉଦ୍ୟମ କରୁଥିବାବେଳେ କେତେକ ମନ୍ତ୍ରୀ ଓ ବିଧାୟକ ତାଙ୍କ ହାତରୁ ସାନିଟାଇଜର ବୋତଲ ଛଡାଇନେଇଥିଲେ । ଏହି ଘଟଣା ପରେ ଜିଲା ଭାଜପା ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଭାଜପା ନେତା ଓ କର୍ମୀ କୁଶପୁତ୍ତଳିକା ଦାହ କରିଥିବା ଜଣାପଡିଛି।


ଭାଜପା କର୍ମୀମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।

# ସାମିଲ ହେଲା ଆଉ ୧୭ ଗ୍ରାମ

ଝାରସୁଗୁଡ଼ା ଅଫିସ,୧୨।୩


ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧି।

**ଶିକ୍ଷାନୁଷ୍ଠାନର ଟ୍ୟାଙ୍କର ଯୋଗେ ଜଳଯୋଗାଣ ନେଇ ସମୀକ୍ଷା**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଜଳକ୍ଲିଷ୍ଟ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଶିବ ଟପ୍ପୋ, ବିଡିଓ ସଞ୍ଜୀବ ପଟେଲ, ଏବିଡିଓ ଜିକେ ମିଶ୍ର, ବେଲପାହାଡ଼ ପୌରାଧିକାରୀ ଲୋକନାଥ ତିୱାରୀ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏସ୍‌ଡିଓ ରାଜ କିଶୋର ଭୂମିତ, କନିଷ୍ଠଯନ୍ତ୍ରୀ ବିଜୟ ଅଟି, ଏମ୍‌ସିଏଲ୍ ଲଖନପୁର ଜିଏମ୍ ଏକେ ସିଂହ, ବିକେ ରାୟ, ଟିଆର୍‌ଏଲ୍ ଅଧିକାରୀ ଏସ୍‌କେ ହବିବ୍, ଶଶାଙ୍କ ଦୀକ୍ଷିତ, ଓପିଜିସି ଅଧିକାରୀ ଦୀନେଶ ପଟେଲ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସରପଞ୍ଚ ସଂଘ ସଭାପତି ପ୍ରଦୀପ ବିଶ୍ୱାଳ, ସମ୍ପାଦକ ଅକ୍ଷୟ ସାହୁ, ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, କୁଶ୍ରାଲୋଇ ସରପଞ୍ଚ ରୂପଶୀ ସେଠ୍, ଭଅଁରଖୋଲ ସରପଞ୍ଚ ଅଶ୍ୱିନୀ ପ୍ରଧାନ, ମଚିଦା ସରପଞ୍ଚ ଜିତେନ ସେଠ୍ ପ୍ରମୁଖ ଯୋଗଦେଇଥିଲେ । ଲଖନପୁର ବ୍ଲକ୍ ଓ ବେଲପାହାଡ ପୌରାଞ୍ଚଳର ଜଳକ୍ଲିଷ୍ଟ ଗ୍ରାମଗୁଡିକୁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଓପିଜିସି, ଏମ୍‌ସିଏଲ୍ ଓ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ସିଏସ୍‌ଆର୍ ପାଣ୍ଠିରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ହୋଇଥାଏ। ଏହିସବୁ ଶିକ୍ଷାନୁଷ୍ଠାନ ଚଳିତବର୍ଷ ଯେଭଳି ଜଳଯୋଗାଣ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଉ କେତେକ ଗ୍ରାମରେ ଜଳକଷ୍ଟ ଦେଖାଦେବା ଫଳରେ ଗତବର୍ଷ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ତରଫରୁ ଉପରୋକ୍ତ ଶିକ୍ଷାନୁଷ୍ଠାନକୁ ଅତିରିକ୍ତ ଜଳ ଯୋଗାଣ ପାଇଁ କୁହାଯାଇଥିଲା। ହେଲେ ଅନୁମୋଦନ ପ୍ରକ୍ରିୟାରେ ବିଳମ୍ବ ହେବାରୁ ଗତବର୍ଷ ଏହା ସମ୍ଭବ ହୋଇ ନ ଥିଲା । ଚଳିତବର୍ଷ ଜଳକ୍ଲିଷ୍ଟ ଅତିରିକ୍ତ ୧୭ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଶିକ୍ଷାନୁଷ୍ଠାନକୁ ଅତିରିକ୍ତ ଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗ୍ରାମଗୁଡିକ ହେଉଛି ଅତାବିରା ପଞ୍ଚାୟତର ଡଙ୍ଗୁଆପଡା, ବାଦିମାଲ ପଞ୍ଚାୟତର ଲୁହୁରାପଡା ଓ ବାଦିମାଲ, ବଞ୍ଜାରୀ ପଞ୍ଚାୟତର ତେନ୍ତେଲିଆବାହାଲ, ଭଅଁରଖୋଲ ପଞ୍ଚାୟତର ଠେବରା ଓ ଖୋଲଜାମକାନୀ, ଚାରପାଲି ପଞ୍ଚାୟତର ଚାଣ୍ଟିପାଲି, ଚାଣ୍ଟିପାଲି ଡିପାପଡା, କଦମ୍ବଡିହି ପଞ୍ଚାୟତର ବେଦଝରଣ, କନକତୋରା ପଞ୍ଚାୟତର ଝାରଗାଁ, ରେମତା ପଞ୍ଚାୟତର ଚିଖିଲି ଓ ସରଧା, ସମରବଗା ପଞ୍ଚାୟତର କୁଡାବଗା, ପିଥିଣ୍ଡା ପଞ୍ଚାୟତର ଭଦ୍ରାପାଲି, ସୁନାରୀ ପଞ୍ଚାୟତର ବରିହାପାଲି ଓ କୁମ୍ଭାରବନ୍ଧ ପଞ୍ଚାୟତର ସାହାଜବାହାଲ। ସାହାଜବାହାଲ ଗ୍ରାମକୁ ଓପିଜିସି ଓ ଅନ୍ୟ ସମସ୍ତ ଗ୍ରାମକୁ ଏମ୍‌ସିଏଲ୍ ଜଳ ଯୋଗାଣ କରିବ ବୋଲି ନିର୍ଦ୍ଦେଶ ରହିଛି।

## ଭେଡେନ ଅଞ୍ଚଳରୁ ଚୋରି

ଅତାବିରା,(ଡି.ଏନ.ଏ): ବରଗଡ ଜିଲା ଭେଡେନ ଥାନା ଅଧୀନ ତାଲବ ହାଟପଦା ଛକସ୍ଥିତ ବିଶ୍ୱାଳ ଟ୍ରେଡସ୍ ନାମକ ଏକ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି । ଶୁକ୍ରବାର ସକାଳେ ଟ୍ରେଡସ୍‌ର ମାଲିକ ଚୋରି ହେବା ଦେଖି ରୁଖୁଡା ଫାଣ୍ଡିରେ ଜଣାଇବା ପରେ ଫାଣ୍ଡି ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି । ପୋଲିସର ସୂଚନା ଅନୁଯାୟୀ, ବିଶ୍ୱାଳ ଟ୍ରେଡସ୍‌ର ମାଲିକ ସତ୍ୟନାରାୟଣ ବିଶ୍ୱାଳଙ୍କ ଦୋକାନରୁ କମ୍ପ୍ୟୁଟର, ସିସି କ୍ୟାମେରା, ହାର୍ଡଡିସ୍କ, ଇନଭଟର୍ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି । ଏହି ଛକରେ କ୍ରମାଗତ ଭାବରେ ଚୋରି ହେଉଥିବା ବେଳେ ପୋଲିସ ଚୋରଙ୍କ ଟେର୍ ନ ପାଇବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ସଂକ୍ଷେପରେ

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଜିଲା କାର୍ଯ୍ୟାଳୟ ଖୋଲିଲା

**ବରଗଡ଼ ଅଫିସ୍,୧୨।୩:** ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଜିଲା କାର୍ଯ୍ୟାଳୟ ଆରମ୍ଭ ହୋଇଛି। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ପତ୍ରସଂଖ୍ୟା ୩୦୨୯/ତା୨୪।୨।୨୧ରିଖ କ୍ରମେ ଏଠାରେ ଉକ୍ତ କାର୍ଯ୍ୟାଳୟ ଖୋଲାଯାଇଛି। ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ(ଡିପିଏମୟୁ)ର ଉପନିର୍ଦ୍ଦେଶକ ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଦାୟିତ୍ୱ ତୁଲାଇବେ ବୋଲି ସେ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟାଳୟରେ ଉପଯୁକ୍ତ ପ୍ରକଳ୍ପର ତାଲିକା ମୁଖ୍ୟ କାର୍ଯ୍ୟାଳୟକୁ ପ୍ରଦାନ, ଏହି ଯୋଜନାରେ ଆସୁଥିବା ଅନୁଦାନକୁ ଠିକ୍ ସମୟରେ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ପ୍ରଦାନ କରିବା କାର୍ଯ୍ୟ କରାଯିବ। ଏହା ସହିତ ପଶ୍ଚିମ ଓଡ଼ିଶା ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ, ସମୀକ୍ଷା, ପର୍ଯ୍ୟବେକ୍ଷଣ, ରାଜ୍ୟ କାର୍ଯ୍ୟାଳୟକୁ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟର ମାସିକ ପ୍ରଗତି ବିବରଣୀ, ପାଣ୍ଠି ବିନିଯୋଗ ପ୍ରମାଣପତ୍ର, ବିଧାନସଭା ସମ୍ବନ୍ଧିତ ପ୍ରଶ୍ନର ଉତ୍ତର, ପ୍ରତିମାସରେ ଜିଲାସ୍ତରୀୟ ପର୍ଯ୍ୟବେକ୍ଷଣ କମିଟି ବୈଠକ କରାଯାଇ ତାର ବିବରଣୀ ରାଜ୍ୟ କାର୍ଯ୍ୟାଳୟକୁ ପ୍ରଦାନ ଏହି କାର୍ଯ୍ୟାଳୟରେ ହେବ ବୋଲି ସୂଚନା ଦିଆଯାଇଛି ।

## ତୁଳସୀ ରାମାୟଣ ପାରାୟଣ

**ଲୋଇସିଂହା,୧୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମରରେ ମହାଶିବରାତ୍ରି ମେଳା ଅବସରରେ ଚାଲିଥିବା ସପ୍ତାହବ୍ୟାପୀ ତୁଳସୀ ରାମାୟଣ ପାରାୟଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆଳତୀ ପାର୍ଟି ପକ୍ଷରୁ ରାମ ମନ୍ଦିର ନିକଟ କଲ୍ୟାଣ ମଣ୍ଡପଠାରେ ମହାଶିବରାତ୍ରି ମେଳା ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିଲା । ଗାୟକ ଜଗତପତି ଦାନୀ ରାମାୟଣ ପଠନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଯଜ୍ଞରେ ଆଠଯୋଡା ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସନ୍ଧ୍ୟାରେ କୁନି ପିଲାଙ୍କ ଦ୍ୱାରା ନାଚଗୀତ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

## ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା

**ପଦ୍ମପୁର,୧୨।୩ (ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା ପୁରେନାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୀନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ । ବରଗଡ ଜିଲା ସଭାପତି ମନୋରଞ୍ଜନ ସାହୁ ମୁଖ୍ୟଅତିଥି ଓ ଉଗ୍ରସେନ ସାହୁ, ବେଣୁଧର ସାହୁ, ପରମେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଡୋଳାମଣି ସାହୁ ବିବରଣୀ ପାଠ କରିଥିଲେ । ବିରଞ୍ଚି ସାହୁ, ସାନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ସଂଗଠନ, ଏକତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିକେଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମସ୍ତ ବ୍ଲକର କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ପ୍ରଧାନ ଶିକ୍ଷକ ନିଲମ୍ବିତ

**ଏମ୍‌ଭି ୭୯,୧୨।୩(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମଭି- ୯୬ ଗ୍ରାମରେ ଥିବା ବିଦ୍ୟାଳୟର ୪ଜଣ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକ ସାରଦା ପ୍ରସାଦ ସିଂଙ୍କ ଅବହେଳା ଯୋଗୁ ଚଳିତ ବର୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ପାଇଁ ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ପ୍ରବେଶିକା ପରୀକ୍ଷା ପାଇଁ ସେମାନଙ୍କ ଫର୍ମ ପୂରଣ କରାଯାଇ ନ ଥିବାରୁ ସେମାନେ ପରୀକ୍ଷା କେନ୍ଦ୍ରରୁ ନିରାଶ ହୋଇ ଫେରିଥିଲେ। ଏହି ଘଟଣାରେ ପ୍ରଧାନଶିକ୍ଷକ ସିଂଙ୍କୁ ଶୁକ୍ରବାର ନିଲମ୍ବନ କରାଯାଇଛି। ଖବରରୁ ଜଣାପଡିଛି ବିଦ୍ୟାଳୟର ପାପିୟା ସରକାର, ଶୁଭମ ସରକାର, ମୋହିମ ତରପଦାର ଓ ସସ୍ମିତା ମଣ୍ଡଳଙ୍କ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ପ୍ରବେଶିକା ପରୀକ୍ଷା ପାଇଁ ଫର୍ମପୂରଣ କରିବାକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅର୍ଥ ଓ ଏନେଇ ପ୍ରମାଣପତ୍ର ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଦେଇଥିଲେ। ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ଅଭିଭାବକମାନେ ପ୍ରଧାନଶିକ୍ଷକ ସିଂଙ୍କୁ ଫୋନ ଯୋଗେ ପଚାରିବାରୁ ପିଲାଙ୍କ ଫର୍ମପୂରଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଅଚଳ ହୋଇପଡ଼ିଛି ଜଳପ୍ରକଳ୍ପ



ଅଚଳ ଷ୍ଟାଣ୍ଡପୋଷ୍ଟ ନିକଟରେ ମହିଳାମାନେ ପ୍ରତିବାଦ ଜଣାଉଛନ୍ତି।

**ଦେଓଗାଁ, ୧୨।୩(ଡି.ଏନ.ଏ.)**

- ରତନପୁରରେ ପାନୀୟ ଜଳ ସଙ୍କଟ
- ଫାଟି ଯାଇଛି ପାଇପ, ଭାଙ୍ଗିରୁଜି ଗଲାଣି ଷ୍ଟାଣ୍ଡପୋଷ୍ଟ
- ଲୋକେ ପାଉନାହାନ୍ତି ପାଇପ ପାଣି
- ମରାମତି ପାଇଁ ବିଭାଗ ଉଦାସୀନ
- ଗୋଟିଏ ନଳକୂପ ସାଜିଛି ସାହାରା



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରତନପୁରରେ ଗ୍ରୀଷ୍ମ ଆରମ୍ଭରୁ ଜଳ ସଂକଟ ଦେଖାଦେଇଛି। ଦୁଇୱାର୍ଡ ବିଶିଷ୍ଟ ଏହି ଗାଁରେ ୧୩୦ଟି ପରିବାରର ୬୫୦ରୁ ଊର୍ଦ୍ଧ୍ୱ ଲୋକେ ବାସ କରନ୍ତି। ୧୦ବର୍ଷ ତଳେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ୫କିଲୋମିଟର ଦୂର ଗାଇବାହାଲ ନିକଟ ସୋନଗଡ ନଦୀରୁ ପାଇପ ଯୋଗେ ଜଳଯୋଗାଣ ଆରମ୍ଭ ହୋଇଥିଲା। ନଦୀକୂଳରେ ଥିବା ଇନଟେକୱେଲରେ ୧୦ଏଚପିର ଏକ ମୋଟର ଲାଗିଥିବା ବେଳେ ଗାଁମୁଣ୍ଡରେ ୨ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଏକ ପାଣିଟାଙ୍କି ନିର୍ମାଣ ହୋଇଥିଲା। ତେବେ ଅନେକ ସ୍ଥାନରେ ପାଇପ ଫାଟିବା ସହ ନଦୀରେ ନିର୍ମାଣ ହୋଇଥିବା କୂଅରେ ପର୍ଯ୍ୟାପ୍ତ ପାଣି ନ ହେବାରୁ ପ୍ରାୟ ତିନିବର୍ଷ ଠିକ୍‌ଠାକ ଚାଲିବା ପରେ ଜଳଯୋଗାଣରେ ବ୍ୟାଘାତ ଦେଖାଦେଇଥିଲା। ଅବ୍ୟବସ୍ଥାରେ କିଛିବର୍ଷ ଚାଲିବା ପରେ ଗତ ବର୍ଷେହେଲା ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣଭାବେ ଅଚଳ ହୋଇପଡିଛି। ଗ୍ରାମବାସୀ ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ନିମ୍ନମାନର ପାଇପ କାମ ଓ ଠିକ୍ ସ୍ଥାନରେ ଇନଟେକୱେଲ ନିର୍ମାଣ ନ ହେବା ଦ୍ୱାରା ଏଭଳି ସମସ୍ୟା ଦେଖାଦେଇଛି ବୋଲି ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବାରୁ ରତନପୁରରେ ଥିବା କୂଅ, ପୋଖରୀର ପାଣି ହ୍ରାସ ପାଇଛି। ଗାଁରେ ଥିବା ୨ଟି ନଳକୂପରୁ ଗୋଟିଏ ପ୍ରାୟ ସମୟ ଅଚଳ ରହଛି। ଅନ୍ୟଟିରୁ ପାଣି ଆଶାନୁରୂପ ବାହାରୁନାହିଁ। ଯାହା ବି ବାହାରୁଛି ତାହା ଲୋକଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ୨୬ନଂ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ଗାଁ ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ଅବହେଳା ପରିତାପର ବିଷୟ ବୋଲି ସ୍ଥାନୀୟ ମହିଳା ସଂଗଠନ ଅଭିଯୋଗ କରିଛନ୍ତି । ସମସ୍ୟା ସମାଧାନ ଦିଗରେ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଶନିବାର ଗାଁକୁ ଯାଇ ଅନୁଧ୍ୟାନ କଲାପରେ ମରାମତି ଦିଗରେ ପଦକ୍ଷେପ ନିଆଯିବ। ଆଗକୁ ସମସ୍ୟାର ସ୍ଥାୟୀ ସମାଧାନର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ଗ୍ରାମବାସୀ ଯାହା କହନ୍ତି...



"ଗାଁରେ ପାନୀୟଜଳ ଉତ୍କଟ ସ୍ଥିତି ସୃଷ୍ଟି କଲାଣି। ଏ ଦିଗରେ ବିଭାଗ ତୁରନ୍ତ ଦୃଷ୍ଟି ନ ଦେଲେ ପରିସ୍ଥିତି ଅଣାୟତ୍ତ ହେବା ସୁନିଶ୍ଚିତ।

**ଆହ୍ଲାଦିନୀ ଭଣ୍ଡା**



"ଗାଁରେ ଥିବା ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ହେଁ ବିଭାଗ କର୍ଣ୍ଣପାତ କରୁନାହିଁ।

**ଗୋପାଳ ସାହୁ**



"ବିଭାଗୀୟ ଅବହେଳା ତଥା ଲାଭଖୋର ମନୋବୃତ୍ତି ଯୋଗୁଁ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ କାମରେ ଆସୁନାହିଁ। ଜଳକଷ୍ଟରେ ଲୋକେ ଦିନ କାଟୁଛନ୍ତି।

**ଶରତ ରାଉତ**



"ବିଭାଗୀୟ ଅବହେଳା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦାସୀନତା ପାନୀୟ ଜଳ ସମସ୍ୟା ସମାଧାନରେ ବିଳମ୍ବ ହେଉଛି। ଅବିଳମ୍ବେ ଏ ଦିଗରେ ଉଦ୍ୟମ ହେବା ଲୋଡା।

**ଅଶୋକ କୁମାର ଭଣ୍ଡା**

## ଲୋଇସିଂହା ଅଞ୍ଚଳରେ ବଢୁଛି ଚୋରି

### ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି

**ଲୋଇସିଂହା,୧୨।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଚୋରି ବଢିବାରେ ଲାଗିଛି। ଗୁରୁବାର ଗୋଟିଏ ରାତିରେ ୩ଟି ସ୍ଥାନରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡ ନଅଗାଁ(ଖ) ରାସ୍ତାପାର୍ଶ୍ୱରେ ଥିବା ବୁର୍ଡାର ଅରୁଣ ଥନାପତିଙ୍କ ଘର ବାରଣ୍ଡାରେ ଥିବା ବାଇକ(ନଂଓଡି୦୩ଏ ୮୭୭୬)କୁ ପରିବାର ସଦସ୍ୟମାନେ ସନ୍ଧ୍ୟାରେ ମହାଶିବରାତ୍ରି ପାଇଁ ମନ୍ଦିର ଯାଇଥିବା ବେଳେ ଚୋରି ହୋଇଛି। ଘରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ ପରେ ଜଣେ ଯୁବକ ହ୍ୟାଣ୍ଡଲ ଲକ ଭାଙ୍ଗି ବାଇକକୁ ନେଇ ଯାଉଥିବା ଜଣାପଡିଛି। ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା(ନଂ.୫୬/୨୧) ରୁଜୁ କରିଛି। ସେହି ରାତିରେ ଥାନା ଅନ୍ତର୍ଗତ ଆଗଲାପଲି ଗାଁର ଭୂତଲୁ ସାହୁଙ୍କ ଗୁହାଳୁ ୭ଟି ମେଣ୍ଢା ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ସେହିପରି ଭାଲିଆମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ପୁଣି ଚୋରି ଉଦ୍ୟମ ହୋଇଛି । ପୋଲିସ ଅବହେଳା କାରଣରୁ ଚୋରମାନେ ଏପରି କାଣ୍ଡ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଗତ ଶନିବାର ଭାଲିଆମୁଣ୍ଡା ସାପ୍ତାହିକ ବଜାରୁ ୨ଜଣ ବ୍ୟକ୍ତି ଓ ଶୁକ୍ରବାର ଫାସଡ ସପ୍ତାହିକ ବଜାରରୁ ଜଣଙ୍କର ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହେଉଛି ।

# ଅତାବିରା ଅଞ୍ଚଳରେ ବଢୁଛି ଅପରାଧ

**ଅତାବିରା, ୧୨।୩ (ଡି.ଏନ.ଏ)**

- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ୧୬ରେ ତହସିଲ ଅଫିସ ଆଗରେ ଧାରଣା ଲାଗି ଚେତାବନୀ

ବରଗଡ ଜିଲା ଅତାବିରା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଲୁଣ୍ଠନ, ହତ୍ୟା, ଡକାୟତି ଭଳି ଆପରାଧିକ କାର୍ଯ୍ୟକଳାପ ବଢି ଚାଲିଛି। କିନ୍ତୁ ପୋଲିସ ଏସବୁ ଘଟଣାର ପର୍ଦ୍ଦାଫାଶ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହେଉନାହିଁ। ଫଳରେ ଜନସାଧାରଣ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଏ ନେଇ ବଣିକ ସଂଘ ନେତୃତ୍ୱରେ ବିଭିନ୍ନ ସଂଗଠନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ରାଜନୈତିକ ଦଳ, କୃଷକ ସଂଗଠନ, ଓକିଲ ସଂଘ, ବରିଷ୍ଠ ନାଗରିକ ସଂଘ, କେଏସିଏ, ମାରୱାଡି ଯୁବାମଞ୍ଚ, ଭିଏସଏସ କୃଷକ କର୍ମକର୍ତ୍ତାଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ରରେ ବିଭିନ୍ନ ଦାବି ଉଲ୍ଲେଖ ରହିଛି। ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା, ପିସିଆର ଭ୍ୟାନ ଯୋଗାଇ ଦେବା, ଅତାବିରା ସହରର ବସଷ୍ଟାଣ୍ଡ, ସାପ୍ତାହିକ ବଜାର, ତହସିଲ, ଡାକ୍ତରଖାନା, ରେଳୱେ ଷ୍ଟେସନ ରୋଡ ଓ ଛକଗୁଡିକରେ ରାତ୍ରିକାଳୀନ ପହରା ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି । ଆସନ୍ତା ୧୫ ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ୧୬ରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି । ବଣିକ ସଂଘର ସଭାପତି ବୃନ୍ଦାବନ ମିଶ୍ରଙ୍କ ନେତୃତ୍ୱରେ ବିଭିନ୍ନ ସଂଘର କର୍ମକର୍ତ୍ତା ଏକ ରାଲିରେ ଯାଇ ଏହି ଦାବିପତ୍ର ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପ୍ରଦାନ କରିଥିଲେ।




ଅତାବିରା ସହରରେ ବଣିକ ସଂଘ ନେତୃତ୍ୱରେ ବାହାରିଥିବା ରାଲି ।

## ପତ୍ରାପାଲିରେ ଚାପା ଉତ୍ତେଜନା

**ଅତାବିରା, ୧୨।୩ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଥାନା ଅଧୀନ ପତ୍ରାପାଲି ଗ୍ରାମର ଏକ ପରିବାର ଜଗନ୍ନାଥ ଓ ମାହେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଥିବା ଜାଗାକୁ ନିଜର ବୋଲି ଦାବି କରିବାରୁ ଶୁକ୍ରବାର ଗାଁରେ ଚାପା ଉତ୍ତେଜନା ଦେଖାଯାଇଛି । ପୂର୍ବରୁ ମଧ୍ୟ ଏହି ଜାଗାକୁ ନେଇ ସମ୍ପୃକ୍ତ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଘଟଣା ଥାନା ପର୍ଯ୍ୟନ୍ତ ଯାଇଥିଲା। ସେତେବେଳେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇ ସମାଧାନ ହୋଇଥିଲା। ହେଲେ ଏହାକୁ ନେଇ ପୁଣି ବିବାଦ ଦେଖାଦେଇଛି । ଶୁକ୍ରବାର ଗ୍ରାମର ଶତାଧିକ ମହିଳା ଅତାବିରା ଥାନାକୁ ଯାଇ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏ ନେଇ ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରା ଯିବାରେ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି।

## ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୧୨।୩(ନି.ପ୍ର.)**

ନେହେରୁ ଯୁବକେନ୍ଦ୍ର ସୋନପୁର ପକ୍ଷରୁ ବହିରଖମନସ୍ଥିତ ବିଶ୍ୱପ୍ରଭା ଜୁନିୟର କଲେଜଠାରେ ଜଳ ସଂରକ୍ଷଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଳ ମନ୍ତ୍ରଣାଳୟ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଜୟଶ୍ରୀ ବାଘ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବାଘ ତାଙ୍କ ବକ୍ତବ୍ୟରେ ଜଳର ସଦ୍‌ଉପଯୋଗ ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ନେହେରୁ ଯୁବ କେନ୍ଦ୍ର ସୋନପୁର ବ୍ଲକର ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅଜିତ କୁମାର ସା, ବିବେକାନନ୍ଦ ନାଗ, ଅଧ୍ୟାପକ ସୁନିଲ କୁମାର ଭୋଇ, ଶ୍ୟାମ ସୁନ୍ଦର ପାତ୍ର, ପଙ୍କଜିନୀ ନାଗ, ପ୍ରିୟଦର୍ଶିନୀ ବିଶ୍ୱାଳ, ନିକିତା ନାଗ, ଜିତେନ୍ଦ୍ର ସେଠୀ ଓ କଲେଜର ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଜଳ ସଂରକ୍ଷଣ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗଦୀଶ ସା ପ୍ରଥମ, ତାସଲିମା ବନୋ ଦ୍ୱିତୀୟ ଓ ଉତ୍ତମ ମୁନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରେ ସାମୂହିକ ଜଳ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମୃତକଙ୍କ ପରିବାରକୁ ମିଳିନି ସହାୟତା ରାଶି

**ଲାଠୋର, ୧୨।୩(ଡି.ଏନ.ଏ.)**

### ଦୁର୍ଘଟଣାରେ ଆବାସିକ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁକୁ ୨ବର୍ଷ ବିତିଲା

ଦୁର୍ଘଟଣାର ଶିକାର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଖପ୍ରାଖୋଲ ଥାନା ମାଲପଡା ସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ବାଣିଜ୍ୟ ବିଭାଗ ଛାତ୍ର ତଥା ତୁରେକେଲା ଥାନା ବରିଆଲି ଗ୍ରାମର ପବନ ଧରୁଆ(୧୭)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଘଟିବା ଅଢେଇ ବର୍ଷ ହେବାକୁ ବସିଥିବା ବେଳେ ମୃତ ଛାତ୍ରଙ୍କ ପରିବାରକୁ ମିଳିନି ଉପଯୁକ୍ତ କ୍ଷତିପୂରଣ। ବିଦ୍ୟାଳୟ ପକ୍ଷରୁ ମୃତକଙ୍କ ବାପା କେଶବଙ୍କୁ ଶୁଦ୍ଧିକ୍ରିୟା ପାଇଁ ୨୦ହଜାର ଟଙ୍କା ପ୍ରଦାନ କରାଯାଇ ପରବର୍ତ୍ତୀ ସମୟରେ ଉଚିତ କ୍ଷତିପୂରଣ ଦିଆଯିବ କହି ସାଧା କାଗଜରେ ଦସ୍ତଖତ ନିଆଯାଇଥିଲା। ଏହାପରଠାରୁ ସ୍କୁଲ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଅନ୍ୟନୋପାୟ ହୋଇ କେଶବ ଏ ନେଇ ଗତ ଜାନୁୟାରୀ ୭ତାରିଖରେ ଲାଠୋର ଥାନାରେ ଏକ ଏତଲା ଦେଇଥିଲେ। ଆବାସିକ ବିଦ୍ୟାଳୟରୁ ପୁଅ କାହା ଅନୁମତିରେ ବାହାରକୁ ଯାଇ ଦୁର୍ଘଟଣାର ମୃତ୍ୟୁମୁଖରେ ପଡିଲା ବୋଲି ଏତଲାରେ ଉଲ୍ଲେଖ କରିଥିଲେ। ଖାଲି ସେତିକି ନୁହେଁ, ଯେଉଁଦିନ ପବନଙ୍କ ଦୁର୍ଘଟଣା ଘଟିଲା ସେହିଦିନ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ। ଦାବି କରିବାର ଏକ ମାସ ବିତି ଯାଇଥିଲେ ମଧ କୌଣସି ସୁଫଳ ନ ପାଇବାରୁ ଉଚ୍ଚ ନ୍ୟାୟାଳୟରେ ନିବେଦନ କରିଥିଲେ। ଏ ନେଇ ବିଦ୍ୟାଳୟ ଅଧକ୍ଷ ଭୂଗୋଳ ବନଗୁଲାଙ୍କୁ ପଚାରିବାରୁ ଆମ ପାଖରେ ଯାହା ତଥ୍ୟ ଥିଲା ଆମେ ଜିଲା ମଙ୍ଗଳ ଅଧିକାରୀଙ୍କୁ ତାହା ପ୍ରଦାନ କରିଛୁ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ପବନ ଧରୁଆ ଗତ ୨୦୧୭ ମସିହାରେ ମାଲପଡା ସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବାଣିଜ୍ୟ ବିଭାଗରେ ନାମ ଲେଖାଇ ହଷ୍ଟେଲରେ ରହୁଥିଲେ। ୨୦୧୮ ଡିସେମ୍ବର ୮ତାରିଖ ସନ୍ଧ୍ୟାରେ ଜଣେ ସହପାଠୀଙ୍କ ସହ ଏକ ବାଇକ ଯୋଗେ ମାଲପଡାରୁ ଲାଠୋର ପଟକୁ ଆସୁଥିବା ବାଟରେ ଜାମଚୁଆଁ ପୋଲ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ବୁର୍ଲା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କାମକୁ ନୁହେଁ ଶୌଚାଳୟ

**ବରଗଡ଼ ଅଫିସ୍,୧୨।୩**

ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟ ନିର୍ମାଣ ହେବା ପ୍ରାୟ ୧୦ବର୍ଷ ବିତିଗଲାଣି। କିନ୍ତୁ ଏପର୍ଯ୍ୟନ୍ତ ସେଥିରେ ତାଲା ଝୁଲୁଛି। ସେହିପରି ସହର ମଧ୍ୟରେ ରହିଥିବା ସରକାରୀ ଡାକ୍ତରଖାନାରେ ରହିଥିବା ଶୌଚାଳୟର ମଧ୍ୟ ତଦ୍ରୂପ ସ୍ଥିତି। କାଁ ଭାଁ କେତେବେଳେ ଖୋଲା ରହୁଥିବାବେଳେ ଅଧିକାଂଶ ସମୟ ବନ୍ଦ ରହୁଛି। ଫଳରେ ଶୌଚାଳୟ ନିର୍ମାଣର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ସରକାରୀ ବସଷ୍ଟାଣ୍ଡରେ ଯାତ୍ରୀ ଏବଂ ଡାକ୍ତରଖାନାରେ ରୋଗୀ ଓ ପରିଜନଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି।

ଜିଲାର ସମସ୍ତ ସରକାରୀ ଓ ବେସରକାରୀ ମୁଖ୍ୟ କାର୍ଯ୍ୟାଳୟ ବରଗଡ଼ ସହରରେ ରହିଛି। ଭାରତୀୟ ହସ୍ତତନ୍ତ ବୈଷୟିକ ଅନୁଷ୍ଠାନ ମଧ୍ୟ ସହର ଉପକଣ୍ଠ ବରଡ଼ୋଲ ନିକଟରେ ରହିଛି। ଅନେକ ଘରୋଇ ଶିକ୍ଷାନୁଷ୍ଠାନ ବି ଏଠାରେ ରହିଛି। ଏହିସବୁକ୍ଷେତ୍ର ଦୃଷ୍ଟିରୁ ବରଗଡ଼ ସହର ସହିତ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ର ମଧ୍ୟ ସମ୍ପର୍କ ରହିଛି। ସେହିଦୃଷ୍ଟିରୁ ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ନିୟମିତ ଯାତ୍ରୀଙ୍କ ଭିଡ଼ ଜମିଥାଏ। ଅନୁରୂପଭାବେ ସହର ମଧ୍ୟରେ ରହିଥିବା ଡାକ୍ତରଖାନା ଉପରେ ସ୍ଥାନୀୟ ସମେତ ଆଖପାଖ ଅଞ୍ଚଳର ରୋଗୀ ଓ ସେମାନଙ୍କ ପରିଜନ ନିର୍ଭର କରିଥାନ୍ତି । ମାତ୍ର ଉଭୟ ସ୍ଥାନରେ ରହିଥିବା ଶୌଚାଳୟରେ ତାଲା ଝୁଲୁଛି। ବସ୍‌ଷ୍ଟାଣ୍ଡ ପରିସରରେ ରହିଥିବା ଏକମାତ୍ର ନଳକୂପ ମଧ୍ୟ ଦୀର୍ଘଦିନ ହେଲା ଅଚଳ ହୋଇ ପଡ଼ିଛି ।

ଏହି ସମସ୍ୟା ନୁଆଁ ନୁହେଁ। ଦୀର୍ଘବର୍ଷର ଏହି ସମସ୍ୟା ଏପର୍ଯ୍ୟନ୍ତ ଅସମାହିତ ହୋଇରହିଛି। ବରଗଡ଼ର ଜଣେ ବରିଷ୍ଠ ନାଗରିକ ଶିବାନନ୍ଦ ମଟାରୀ କହିଛନ୍ତି, ଡାକ୍ତରଖାନାରେ ପରିମଳ ବ୍ୟବସ୍ଥା ସବୁବେଳେ ଠିକ୍ ରହିବା କଥା। କିନ୍ତୁ ଡାକ୍ତରଖାନାରେ ରହିଥିବା ଶୌଚାଳୟରେ ଯଦି ତାଲା ଝୁଲୁଛି ତେବେ ସେଠାରେ ପରିମଳ ବ୍ୟବସ୍ଥା କିଭଳି ରହୁଥିବ ତାହା ଅନୁମେୟ। ଡାକ୍ତରଖାନାକୁ ରୋଗୀ ଏବଂ ସେମାନଙ୍କ ପରିଜନମାନେ ଆସୁଛନ୍ତି । ମାତ୍ର ପାଖରେ ସ୍ନାନ, ଶୌଚ ବ୍ୟବସ୍ଥା ନାହିଁ। ସହରର ଆଉଜଣେ ସଚେତନ ନାଗରିକ ରାଜେନ୍ଦ୍ର ସିକନ୍ଦର କହନ୍ତି, ଜନସାଧାରଣଙ୍କର ମୌଳିକ ସମସ୍ୟାକୁ ସବୁବେଳେ ଅଣଦେଖା କରାଯାଉଛି। ତାହାର ବାସ୍ତବିକ ଚିତ୍ର ବରଗଡ଼ ସରକାରୀ ବସଷ୍ଟାଣ୍ଡ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଶୌଚାଳୟରେ ତାଲା ପଡ଼ିବାରୁ ସ୍ପଷ୍ଟ ହୋଇଛି। ଏଥିପ୍ରତି ପ୍ରଶାସନ ସମେତ ଉଭୟ ଶାସକ ଓ ବିରୋଧୀ ଦଳ ଆଖିବୁଜି ଦେବା ବିଡ଼ମ୍ବନାର ବିଷୟ ହୋଇ ପଡ଼ିଛି । ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ଉଭୟ ଶୌଚାଳୟ ଯେଭଳି ତୁରନ୍ତ କାର୍ଯ୍ୟକ୍ଷମ ହେବ ସେଥିପ୍ରତି ତ୍ୱରିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ।





ବରଗଡ଼ ସରକାରୀ ବସଷ୍ଟାଣ୍ଡର ଶୌଚାଳୟରେ ତାଲା ଝୁଲୁଛି(ବାମ) । ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟ ବନ୍ଦ ରହିଛି ।

## ଭବାନୀପାଟଣା ସହରର ୭ ସ୍ଥାନରେ ସେଲ୍ଫି ପଏଣ୍ଟ

ଭବାନୀପାଟଣା,(ଡି.ଏନ.ଏ.): ଭବାନୀପାଟଣା ସହରର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସହରର ୭ଟି ସ୍ଥାନରେ ସେଲ୍ଫି ପଏଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ସହରର ବିଜୁ କଲ୍ୟାଣ ମଣ୍ଡପ, ଷ୍ଟାଡିୟମ ନିକଟ, ଜେଲ ଖାନା ଛକ, ବିମଳା କନଭେଣ୍ଟ ସମ୍ମୁଖ, ନକଟିଗୁଡା ଛକ, ହଜିଲ୍ ଟାଉନ୍ ଓ ପିପ୍ପଳ ନାଳ ନିକଟ ଆଇନ୍ ମହାବିଦ୍ୟାଳୟ ସମ୍ମୁଖର ୭ଟି ସ୍ଥାନରେ ସେଲ୍ଫି ପଏଣ୍ଟ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜୁ କଲ୍ୟାଣ ମଣ୍ଡପ ନିକଟରେ ପ୍ରଥମ ସେଲ୍ଫି ପଏଣ୍ଟ ନିର୍ମାଣ କାମ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ କରାଯିବ। ଏଥିରେ ଆଲୋକୀକରଣ ଓ ବୃକ୍ଷରୋପଣ ମଧ କରାଯିବ। ଏ ନେଇ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ, ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ ତଦାରଖ କରିବେ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଭବାନୀପାଟଣା ପୌର ପରିଷଦ ବହନ କରିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଜାଗର ମେଳା ସମ୍ପନ୍ନ

କେସିଙ୍ଗା, ୧୨।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ଜାଗର ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ବ୍ଲକ ବାଲସି ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହାଶିବରାତ୍ରି ଜାଗର ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଫୁଲ୍ଲ ସାହୁ ଓ ଲିନା ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଜଗବନ୍ଧୁ ସାହୁ, ନିରଞ୍ଜନ କର ନୀତି କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ମଙ୍ଗଳବାର ସନ୍ଧ୍ୟାରେ ଅଧିବାସ ହୋଇଥିଲା। ବୁଧବାର ସକାଳ ୪ଟାରେ କର୍ତ୍ତା ପ୍ରଫୁଲ୍ଲ ଓ ଲିନା ଯୁଗେଶ୍ୱର ମନ୍ଦିରର ଲିଙ୍ଗଭିଷେକ କରି ସାରିବା ପରେ ଭକ୍ତମାନେ ଶିବ ପୂଜା କରିଥିଲେ। ସନ୍ଧ୍ୟାରେ ଚତୁର୍ଥ ପ୍ରହରରେ ପୂଜାର୍ଚ୍ଚନା କରି ସାରିବା ପରେ ଗୁରୁବାର ରାତି ୧୦ଟାରେ ମହାଦୀପ ଉଠିଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ପୂର୍ଣ୍ଣାହୁତି ହୋଇଥିଲା। ସେହିପରି କେସିଙ୍ଗା, ଲଇତରା, ଉତକେଲା, ତହସିର, ବେଲଖଣ୍ଡି, କାଣ୍ଡେଲ, ମଶାଣିବନ୍ଧ, ରେଙ୍ଗାଲି, ଗୁର୍ଜିମୁଣ୍ଡା, କିକିଆ ଆଦି ଗ୍ରାମରେ ମହାଶିବରାତ୍ରି ସୁରୁଖୁରୁ ଭାବେ ପୂର୍ଣ୍ଣାହୁତି ହୋଇଯାଇଛି।

### ଫାଣ୍ଡି ଅଧିକାରୀଙ୍କୁ ନାଗରିକ ସମ୍ମାନ



ରିଷିଡା, ୧୨।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡିରେ ନୂତନ ଭାବେ ଯୋଗଦାନ କରିଥିବା ଅଧିକାରୀ କ୍ଷୀରସିନ୍ଧୁ ମାଝିଙ୍କୁ ରିଷିଡା ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଛି। ନାଗରିକ କମିଟି ପକ୍ଷରୁ ପ୍ରେମାନନ୍ଦ ପାତ୍ର, ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇ ରିଷିଡା ଅଞ୍ଚଳର ଆଇନ ଶୃଙ୍ଖଳାକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ମତ ରଖିଥିଲେ।

### ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭବାନୀପାଟଣା, ୧୨।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ୬୪ ବାଟାଲିୟନ ସିଆରପିଏଫ୍ ଓ ସ୍ୱାଗତ ଆଇଟିସିର ମିଳିତ ଆନୁକୂଲ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭବାନୀପାଟଣାସ୍ଥିତ ସ୍ୱାଗତ ଆଇଟିସି ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ସହ ସୁସମ୍ପର୍କ ତଥା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ୬୪ ବାଟାଲିୟନ କମାଣ୍ଡାଣ୍ଟ ବିପ୍ଳବ ସରକାର, ସମ୍ମାନିତ ଅତିଥି ଭାବେ ଡ. ବି.କେ. ବାସୁମଟାରି, ହର୍ଜିନ୍ଦର ସିଂ, ସୁବୋଧ ରଣା, ଆଇଟିସି ଚେୟାରମେନ ପ୍ରଦୀପ ଦାସ, ଅଧକ୍ଷା ପ୍ରୀତି ପଟ୍ଟନାୟକ, ମେଦିନିପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ କେ. ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉପକମାଣ୍ଡାଣ୍ଟ ସୂର୍ଯ୍ୟକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ତଥା ଯୁବ ଲେଖକ ଡିଲେଶ୍ୱର ରଣା। ଏହି କାର୍ଯ୍ୟକ୍ରମ ୨୮ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରେ ମେଦିନିପୁର ହାଇସ୍କୁଲ ତଥା ଦୁର୍ଗମ ଅଞ୍ଚଳର ୫୦ଜଣ ଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ମାଗଣାରେ ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ, କମ୍ପ୍ୟୁଟର ଶିକ୍ଷକ, ସିଆରପିଏଫ୍ ଯବାନମାନେ ଉପସ୍ଥିତ ଥିଲେ।

# ଜଙ୍ଗଲକୁ ଅଗ୍ନିମୁକ୍ତ ଅଞ୍ଚଳ କରିବାକୁ ଗୁରୁତ୍ୱ

ବଲାଙ୍ଗୀର ଅଫିସ,୧୨।୩



ସଚେତନତା ସଭାରେ ଉପସ୍ଥିତ ଗ୍ରାମବାସୀ, ବନ ସୁରକ୍ଷା ସମିତି ସଦସ୍ୟ, ଡିଏଫ୍‌ଓ ଓ ସ୍ୱେଚ୍ଛାସେବୀ।

**ଗନ୍ଧରେଲରେ ତ୍ରିପାକ୍ଷିକ ସଚେତନତା ବୈଠକ**

ବଲାଙ୍ଗୀର ସହର ଉପକଣ୍ଠ ଗନ୍ଧରେଲ ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରିବା ପାଇଁ ଗନ୍ଧରେଲ ଗାଁ କ୍ଲବଠାରେ ଶୁକ୍ରବାର ତ୍ରିପାକ୍ଷିକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ସାମୂହିକ ଉଦ୍ୟମ ହେଲେ ଜଙ୍ଗଲ ହେବ ଅଗ୍ନିମୁକ୍ତ ଅଞ୍ଚଳ ବୋଲି ବୈଠକର ମତପ୍ରକାଶ ପାଇଥିଲା। ବୈଠକରେ ଜଙ୍ଗଲକୁ ନିଆଁରୁ ସୁରକ୍ଷା ଦେବା ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ବଲାଙ୍ଗୀର ବନବିଭାଗ ଅଧିକାରୀ, ଗନ୍ଧରେଲ ବନ ସୁରକ୍ଷା ସମିତି ସଦସ୍ୟ, ଗ୍ରାମବାସୀ ଓ ବଲାଙ୍ଗୀର ସହରରେ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ ବୈଠକରେ ଯୋଗଦେଇ ଜଙ୍ଗଲ ସୁରକ୍ଷାରେ ବନ ସୁରକ୍ଷା ସମିତିର ଭୂମିକା ଉପରେ କହିଥିଲେ। ଜଙ୍ଗଲ ସୁରକ୍ଷା ସହ ଲଘୁ ବନଜାତ ଦ୍ରବ୍ୟ ପରିଚାଳନାରେ ବନ ସୁରକ୍ଷା ସମିତିର ଭାଗିଦାରୀ ଉପରେ ସେ ଲୋକଙ୍କୁ ଅବଗତ କରିଥିଲେ। ଗନ୍ଧରେଲ ବନ ସୁରକ୍ଷା ସମିତି ସଭାପତି ମନୋରଞ୍ଜନ ସାଏ ଗ୍ରାମବାସୀଙ୍କୁ ଜଙ୍ଗଲରେ କିଭଳି ନିଆଁ ଲାଗୁଛି ଓ କ'ଣ କଲେ ଆମେ ନିଆଁରୁ ଜଙ୍ଗଲକୁ ରକ୍ଷା କରିପାରିବା କହିଥିଲେ। ଜଙ୍ଗଲ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଟର୍ଚ୍ଚ ଲାଇଟ୍ ଯୋଗାଇ ଦେବାକୁ ଡିଏଫ୍‌ଓଙ୍କୁ ଅନୁରୋଧ କରିଥିଲେ। ବନ ସୁରକ୍ଷା ସମିତି ସହ ଜଙ୍ଗଲ ବିଭାଗର ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱେଚ୍ଛାସେବୀ ହେମନ୍ତ ପଣ୍ଡା ତାଙ୍କ ବକ୍ତବ୍ୟରେ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କିଭଳି ଜୈବ ବିବିଧତା ନଷ୍ଟ ହେଉଛି ତାହା କହିଥିଲେ। ଗ୍ରାମର ୱାର୍ଡସଭ୍ୟ ତଥା ବନ ସୁରକ୍ଷା ସମିତି ସଦସ୍ୟ ଶ୍ରୀକାନ୍ତ ନନ୍ଦ ବନ ବିଭାଗର ସହଯୋଗ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଜଙ୍ଗଲ ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ସୁଧୀର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର କୁମାର ଝାଙ୍କର, ସୁନୀଲ ମହାନ୍ତି, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅମ୍ବା ଭଗବାନ ଅନୁଷ୍ଠାନର ଗୋପଭୂଷଣ ନାଥ, ୟୁଥ୍ ଆକ୍ସନ କମିଟି ସଭାପତି ବିନୋଜ କାଲସାଏ, ମାହେଶ୍ୱରୀ ଅନୁଷ୍ଠାନର ଅଙ୍କୁଶ ପାଣିଆ, ରେଡକ୍ରସ୍ ଅନୁଷ୍ଠାନର ରାମନାରାୟଣ ଦାଶ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ସଚେତନତା ରାଲି, ପଥପ୍ରାନ୍ତ ସଭା ଜରିଆରେ ଜଙ୍ଗଲ ସଂଲଗ୍ନ ଗ୍ରାମ ଗୁଡିକରେ ସଚେତନତା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ବିଜୟ କୁମାର, ପଞ୍ଚମନ ବାଗ, ଅରୁଣ କୁମାର ସାଏ, ବହୁ ମହିଳା ସଦସ୍ୟ, ସ୍ୱେଚ୍ଛାସେବୀ ମନୋରଞ୍ଜନ ପୁରୋହିତ ଦିନେଶ ଶର୍ମା, ଫରେଷ୍ଟର ବ୍ୟାସଦେବ ସାହୁ, ଫରେଷ୍ଟର ଗାର୍ଡ ଶୁଭସ୍ମିତା ମେହେର, ପାରା ଷ୍ଟାଫ୍ ବିପ୍ଳବ ପଟ୍ଟନାୟକ, ଶତ୍ରୁଘ୍ନ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିହନ, ସାର ବଣ୍ଟନରେ ଅନିୟମିତତା

ଜହ୍ନାପଙ୍କ, ୧୨।୩ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ କୃଷକମାନଙ୍କ ପାଇଁ କୃଷି ବିଭାଗ ଯୋଗାଇ ଦେଇଥିବା ମାଗଣା ବିହନ, ସାର, କୀଟନାଶକ ଔଷଧ ଓ ସବ୍‌ସିଡି ଟଙ୍କାର ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। କୃଷକ କଲ୍ୟାଣ ଯୋଜନାର ହିତାଧିକାରୀ ଚୟନରେ ମଧ ଅନିୟମିତତା ହୋଇଛି। ଏ ନେଇ ଶୁକ୍ରବାର ଲକ୍ଷ୍ମୀପ୍ରସାଦ ପଞ୍ଚାୟତବାସୀ ବୌଦ୍ଧ କୃଷି ଉପନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ଖରିଫ ଋତୁରେ ୧୦୦ ହେକ୍ଟର ଜମିରେ ଧାଡିରୁଆ ଧାନ ଚାଷ କରାଯାଇ ୧୧୮ଜଣ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ବାସ୍ତବରେ ପ୍ରାୟ ୧୦ ହେକ୍ଟର ଜମିରେ ଚାଷ କରାଯାଇ କାଗଜପତ୍ରରେ ୧୦୦ ହେକ୍ଟର ବୋଲି ଉଲ୍ଲେଖ କରାଯାଇଛି। ଏହି ପଞ୍ଚାୟତର ଯୋଗ୍ୟ ଚାଷୀ ଗୁଡିଆଲି ଗ୍ରାମର ଦଶରଥ ଗିରି, ବଂଶୀଧର ନାଏକ, ଉଦ୍ଧବ ସାହୁ, ମଝିଆଁଘରା ଗ୍ରାମର କୃଷ୍ଣଚନ୍ଦ୍ର ପୁରୋହିତ, ଗୋପାଳ ପୁରୋହିତ, କଞ୍ଜୁପାଣି ମହାକୁ, ଲକ୍ଷ୍ମୀପ୍ରସାଦ ଗ୍ରାମର ଭୋଲାଗିରୀ ସାହୁ, ଭବାନୀ କର୍ଣ୍ଣ, ଗୋବର୍ଦ୍ଧନ ମେହେର, ଠକ ମେହେର, ହାଡୁ ମେହେର, ସଞ୍ଜୟ ମେହେର, ଜଗତି ଗ୍ରାମର ଜୟଦେବ କଲତା, ଅନାଦୀ ଜେନାଙ୍କୁ ସାମିଲ ନ କରି କେବଳ ଗୁଡିଆଲି, ଜଗତି ଓ କଉଡିଆତୋଳା ଗ୍ରାମର କେତେକ ଏକାନ୍ନବର୍ତ୍ତୀ ପରିବାରର ସଦସ୍ୟଙ୍କୁ ଭିନ୍ନ ଭିନ୍ନ ପରିବାର ଦେଖାଇ ହିତାଧିକାରୀ ରୂପେ ଚୟନ କରାଯାଇଛି। କିନ୍ତୁ ପ୍ରାୟ ୭୦୦ ପରିବାର ବାସ କରୁଥିବା ଲକ୍ଷ୍ମୀପ୍ରସାଦ ଗ୍ରାମରୁ ବହୁ ଯୋଗ୍ୟ ଚାଷୀଙ୍କୁ ହିତାଧିକାରୀ ଭାବେ ଚୟନ କରାଯାଇ ନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

# ନୂତନ ସମବାୟ ବ୍ୟାଙ୍କ ଶାଖା ରାମପୁରରେ ଖୋଲିଲା




ସଭାରେ ମଞ୍ଚାସୀନ ଅତିଥି।

ବିନିକା,୧୨।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରରେ ଶୁକ୍ରବାର ନୂତନ ସମବାୟ ବ୍ୟାଙ୍କ ଶାଖା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଶାଖା ମାଧ୍ୟମରେ ଆଖପାଖ ଅଞ୍ଚଳର ୮ଟି ଗ୍ରାପର ଚାଷୀ, ୬ଟି ପ୍ୟାକ୍ସ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଶ୍ରମିକମାନେ ଉପକୃତ ହୋଇପାରିବେ। ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରାମପୁର ଶାଖାରେ ବ୍ୟାଙ୍କ କାର୍ଯ୍ୟ ସମ୍ପାଦିତ ହେବ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅର୍ଥମନ୍ତ୍ରୀ ପୂଜାରୀ କହିଥିଲେ ଯେ, ଏହି ବ୍ୟାଙ୍କ ଶାଖା ମାଧମରେ ଅଗଣିତ ଚାଷୀ, ମୂଲିଆ ଓ ମହିଳାମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। ବଲାଙ୍ଗୀର ଜିଲାପାଳ ତଥା ବଲାଙ୍ଗୀର ଜିଲା ସମବାୟ ବ୍ୟାଙ୍କର ପ୍ରଶାସକ ଚଞ୍ଚଳା ରଣା ସଭାରେ ସଭାପତିତ୍ୱ କରିଥିଲେ। ରଣା କହିଥିଲେ, ଗ୍ରାହକ ଓ ବ୍ୟାଙ୍କ ଉଭୟ ଉଭୟଙ୍କ ପାଇଁ ପରିପୂରକ। ବ୍ୟାଙ୍କର ଉନ୍ନତି ବ୍ୟାଙ୍କ ଖାତାଧିକାରୀ ଉପରେ ନିର୍ଭର କରେ। ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ସମବାୟ ଉପ-ନିବନ୍ଧକ ପ୍ରସନ୍ନ ମହାନ୍ତି, ରାମପୁର ଧନୁଯାତ୍ରା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଡୁଙ୍ଗୁରୀପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ପାଣ୍ଡୁଚରଣ ସାହୁ ଏବଂ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସ୍ଥାନୀୟ ସାମାଜିକ କର୍ମୀ ଉମେଶ ପୂଜାରୀ, ଚାଷୀ ନେତା ଜଗନ୍ନାଥ ପୁଟେଲ, ରାମପୁର ପ୍ୟାକ୍ସର ପୂର୍ବତନ ସଭାପତି ଦେବ ରଣା, ଅଦ୍ୱୈତ ନାରାୟଣ ପାଢୀ, ରାଜେନ୍ଦ୍ର ଗଣ୍ଡ, ଜଳ ପଧାନ, ପ୍ରସନ୍ନ ପଧାନଙ୍କ ସମେତ ବିଭିନ୍ନ ପ୍ୟାକ୍ସ ସମ୍ପାଦକ, ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିଥିଲେ। ରାମପୁର ପ୍ୟାକ୍ସର ସମ୍ପାଦକ ତ୍ରିଲୋଚନ ସାହୁ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ପଣ୍ଡକିଟାଲ ଚାମ୍ପିୟନ

ବିନିକା,୧୨।୩(ଡି.ଏନ୍.ଏ.)



ଟ୍ରଫି ସହ ଚାମ୍ପିୟନ ଦଳ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାପ କୌଡିଆମୁଣ୍ଡା ଖେଳପଡିଆଠାରେ ଗତ ୫ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଯୁଗିନ୍ଦ୍ରପୁର, ସାନନୁଆପାଲି, ବାଲଯୁରୀ, କୌଡିଆମୁଣ୍ଡା, ମହାଦେବପାଲି, କଟାପାଲି, ବରଗୁଡା,ଚଢ଼େଇପଙ୍କ, ବୁରୋମୁଣ୍ଡା, ଭୀମଟିକିରା, ସ୍ୱର୍ଣ୍ଣାପାଲି, ପାନିସିଆଲି, ପଣ୍ଡକିଟାଲ(ରାମପୁର), ହରିଣାପାଲି, ବ୍ରାହ୍ମଣୀପାଲି, ପଣ୍ଡକିଟାଲ (ଖଲିଆପାଲି) ଆଦି ୧୬ଟି କ୍ରିକେଟ ଦଳ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। କେଏମସିସି ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଯୁଗିନ୍ଦ୍ରପୁର ଦଳକୁ ହରାଇ ପଣ୍ଡକିଟାଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଯୁଗିନ୍ଦ୍ରପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୧୩ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡକିଟାଲ ଦଳ ୧୧୬ ରନ କରିଥିବାରୁ ଉଭୟ ଦଳ ମଧ୍ୟରେ ସୁପର ଓଭର କରାଯାଇଥିଲା। ଯୁଗିନ୍ଦ୍ରପୁର ଦଳ ଏଥିରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଫର୍ମାଟରେ ପଣ୍ଡକିଟାଲ ଦଳ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲେ। ବାଲଗୋପାଳ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ସମୀର ନାୟକ, ଲିଙ୍କନ ପଣ୍ଡା ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀ ଟିଟୁ ପଣ୍ଡା, ଆନନ୍ଦ ପଣ୍ଡା ଓ ସ୍କୋରର ନିଖିଲ ପଣ୍ଡା, ସରୋଜ ଜଗତ ଦାୟିତ୍ୱ ତୁଲାଇଥିଲେ। ଭାଗବତ ପଣ୍ଡା (ମାହାରୁ)ଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ଅଭୟ ପଧାନ, ପଞ୍ଚାନନ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ଏପ୍ରିଲ ସୁଦ୍ଧା ଭବାନୀପାଟଣାରେ ଟାଉନ ବସ୍ ସେବା

ଭବାନୀପାଟଣା, ୧୨।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଏପ୍ରିଲ ସୁଦ୍ଧା ଟାଉନ ବସ ସେବା ମିଳିବ। ଲୋକଙ୍କ ସୁବିଧା ପାଇଁ ସହର ମଧ୍ୟରେ ଟାଉନ ବସ ଚଳାଚଳ ନେଇ ଯୋଜନା ହୋଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଜିଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଉଦ୍ୟମରେ ଟାଉନ ବସ୍ ସେବା ପୂରଣ ହେବାକୁ ଯାଉଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମହାରଣାଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟ ସଭାଗୃହ ଅନୁଷ୍ଠିତ ବୈଠକରେ ବସ ଚଳାଚଳ ପାଇଁ ରୁଟ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଆଗାମୀ ଏପ୍ରିଲ ସୁଦ୍ଧା ଭବାନୀପାଟଣା ଟାଉନରେ ପ୍ରଥମ ପର୍ଯ୍ୟାୟରେ ୫ଟି ଟାଉନ ବସ ଚଳାଚଳ କରିବା ନେଇ ସୂଚନା ମିଳିଛି। ବୈଠକରେ ଜିଲା ପରିହନ ଅଧିକାରୀ ରାମ ନିବାସ ସିରିକାଙ୍କ ସମେତ ଡିଆର୍‌ଡିଏ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବିମ୍ବାଧର ସାହୁ, ପୌର ପରିଷଦର ସହକାରୀ ଯନ୍ତ୍ରୀ ସମୀର ଠାକୁର, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂହଦେଓ, ଘରୋଇ ବସ୍ ମାଲିକ ସଂଘ ସଭାପତି ମାନସ ଦାସ, ପ୍ରମୋଦ ଖମାରୀ, ଝୁନୁ ପଣ୍ଡା, ଉଚ୍ଛବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇଞ୍ଜିନିୟରିଂ କଲେଜଠାରୁ ରେଲୱେ ଷ୍ଟେଶନ, ମେଡିକାଲ କଲେଜଠାରୁ ସେଣ୍ଟ୍ରାଲ ସ୍କୁଲ ପର୍ଯ୍ୟନ୍ତ ୪ଟି ବସ୍ ଯିବାଆସିବା କରିବ। ଅନ୍ୟ ଏକ ବସ୍ ସହର ମଧ୍ୟରେ ପରିକ୍ରମା କରିବ ବୋଲି ସୂଚନା ମିଳିଛି। ବସ୍‌ଗୁଡିକ ଭବାନୀପାଟଣା ମୁଖ୍ୟ ବସଷ୍ଟାଣ୍ଡରୁ ବାହାରି କଲେକ୍ଟର ଅଫିସ, କୋର୍ଟ ଓ ମେଡିକାଲ ପରିସର ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାଆସିବା କରିବ। ବସ୍ ଚଳାଚଳକୁ ନଗର ପରିବହନ ସେବା ଟ୍ରଷ୍ଟ ନାମକ ଏକ ସଂସ୍ଥା ପରିଚାଳନା କରିବ ବୋଲି ଜଣାପଡିଛି।

# ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ସୋନପୁର,୧୨।୩(ନି.ପ୍ର.)



ମୁଖ୍ୟ ଅତିଥି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ସୋନପୁର ଶିଶୁ ଗୃହ ପରିସରରେ ଧନ୍ଦାମୂଳକ ତାଲିମ କେନ୍ଦ୍ରକୁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଜିଲାର ବିଭିନ୍ନ ବ୍ଲକରୁ ବାଲ୍ୟ ବିବାହ ସମୟରେ ଉଦ୍ଧାର ହୋଇଥିବା କିଶୋରୀ, ଯୌନ ନିର୍ଯାତନା ଅଭିଯୋଗକ୍ରମେ ଉଦ୍ଧାର ହୋଇଥିବା ପୀଡିତା ଏହି କେନ୍ଦ୍ରରେ ସିଲାଇ, ଶୀତ ବସ୍ତ୍ର ବୁଣିବା, ଧୂପ କାଠି ଓ ବ୍ୟାଗ୍ ପ୍ରସ୍ତୁତି ଆଦି ଶିକ୍ଷା ଗ୍ରହଣ କରିବେ। ଜିଲା ଶିଶୁ ସୁରକ୍ଷା ବିଭାଗର ସହଯୋଗରେ ଏହି ତାଲିମ କେନ୍ଦ୍ର ପରିଚାଳିତ ହେବ। ବର୍ତ୍ତମାନ ଶିଶୁଗୃହରେ ଥିବା ୧୮ ଜଣ କିଶୋରୀ ବାଳିକା ନିଜର ଖାଲି ସମୟରେ ଏହି ଶିକ୍ଷା ଗ୍ରହଣ କରି ପାରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କହିଛନ୍ତି। ଏଥିପାଇଁ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୨ଟି ସିଲାଇ ମେଶିନ ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯାଇଛି। କେନ୍ଦ୍ର ଉଦ୍‌ଘାଟନୀ ସମୟରେ ଶିଶୁ ମଙ୍ଗଳ କମିଟି ସଦସ୍ୟ ବରୁଣ ମହାନ୍ତି, ଶିଶୁ ଅନୁଷ୍ଠାନ ଅଧିକାରୀ ବିଜୟ ବିଶ୍ୱାଳ, ଶିଶୁ ଗୃହ ତତ୍ତ୍ୱାବଧାରକ ସୁଜାତା ବେହେରା, ଅମିତା ସାହୁ, ଅଖିଳ ପଟ୍ଟନାୟକ ଓ ପରତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ

କର୍ଲାମୁଣ୍ଡା, ୧୨।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରାସ୍ଥିତ ଜନତା ୟୁପିଏସଠାରେ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ମନୋଜ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାଏକ, ଜିଲା ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ବାଗ, ଶିବ ପ୍ରସାଦ ଦାସ, ଜିଲା ଉପଦେଷ୍ଟା ଅଶୋକ କୁମାର ତ୍ରିପାଠୀ, ଜିଲା କୋଷାଧକ୍ଷ ଅମରେନ୍ଦ୍ର ପଟ୍ଟନାଏକ, ଜିଲା କୋର କମିଟି ସଦସ୍ୟ ଅକ୍ଷୟ ପଟ୍ଟନାଏକ ଓ ଶ୍ରୀନିବାସ ଆଚାରୀ, ବ୍ଲକ ଉପଦେଷ୍ଟା ପବିତ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ନିର୍ବାଚିତ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବସନ୍ତ କୁମାର ମିଶ୍ର, ଉପସଭାପତି ବିଭୁତି ଭୂଷଣ ସେଠ୍, ଉପସଭା ନେତ୍ରୀ ଅଞ୍ଜଳୀ ଜାନୀ, ସାଧାରଣ ସମ୍ପାଦକ ସୁଦର୍ଶନ ସାହୁ, ସହସମ୍ପାଦକ ସୋମନାଥ ସାହୁ, ଯୁଗ୍ମସମ୍ପାଦକ ଐଶ୍ୱର୍ଯ୍ୟ ସାହୁ ଓ ସୀମାଞ୍ଚଳ ମାଝି, ସଂଯୋଜକ ପ୍ରଶନ୍ନ କୁମାର ସାହୁ, କୋଷାଧକ୍ଷ ମନୋଜ କୁମାର ମିଶ୍ରଙ୍କୁ ଶପଥ କରାଇବା ସହ ସଙ୍ଗଠନଙ୍କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଦିଗଦର୍ଶନ ଦେଇଥିଲେ। ସଭାକୁ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ଉଜ୍ଜଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଯୋରାଡବ୍ରାର ଜନତା ୟୁପିଏସ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମାଝି ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିରୋଧୀ ଦଳ ନେତା

ଭବାନୀପାଟଣା, ୧୨।୩ (ଡି.ଏନ.ଏ.)



ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ।

କଳାହାଣ୍ଡି ଜିଲା ଭବାନୀପାଟଣା ଭାଜପା ବିଧାୟକ ତଥା ବିଧାନସଭାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ଓ ଲୋକାର୍ପଣ କରିଛନ୍ତି। ପ୍ରଥମେ ସେ ବୋର୍ଡାରେ ହେବାକୁ ଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର (୨ କୋଟି ୨୮ ଲକ୍ଷ ୫୨ ହଜାର ଟଙ୍କାର) ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ ହେବା ସହ ୬୩୨ ପରିବାରକୁ ପାଇପ୍ ଯୋଗେ ଘରକୁ ସଂଯୋଗ ଦିଆଯିବ ବୋଲି ନାଏକ କହିଥିଲେ। ବରଗାଁରେ ୧ କୋଟି ୫୨ ଲକ୍ଷ ୭୬ ହଜାର, ଅଜରାଇରେ ୧ କୋଟି ୪୮ ଲକ୍ଷ ୬୨ ହଜାର, ମାଟିଆରେ ୯୭ ଲକ୍ଷ ୯୭ ହଜାର ଓ ଲୋହରାଡବ୍ରିରେ ୧ କୋଟି ୮୨ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ଭବାନୀପାଟଣା ବ୍ଲକ ଅଧକ୍ଷା ସନ୍ତୋଷୀ ଦାଶ, ବୋର୍ଡା ଜିଲା ପରିଷଦ ସଦସ୍ୟା ପିଙ୍କି ସାହୁ, ବୋର୍ଡା ସରପଞ୍ଚ ରିନାରାଣୀ ଜାଲ, କେନ୍ଦୁପାଟି ସରପଞ୍ଚ ନାଗେଶ୍ୱର ବାଗ, ମାଟିଆ ସରପଞ୍ଚ ମୀନା ସାହୁ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏସ୍‌ଡି ଓ ସୁଭ୍ରଜିତ ସେନ, କନିଷ୍ଠ ଯନ୍ତ୍ରୀ ପ୍ରଭାସ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଛତିଶଗଡ଼ରେ ମିଶିବାକୁ ଚେତାବନୀ

ନୂଆପଡା ଅଫିସ,୧୨।୩



ସୁନାବେଡାର ଲିଙ୍ଗ ଭଙ୍ଗାଆମ୍ବ ବଗିଚାଠାରେ ଆୟୋଜିତ ମେଳି।

**ମୌଳିକ ସୁବିଧାରୁ ବଞ୍ଚିତ ସୁନାବେଡ଼ାବାସୀ**

କେନ୍ଦ୍ର ତଥା ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ୨ଟି ପଞ୍ଚାୟତରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମୌଳିକ ସୁବିଧା ପହଞ୍ଚିପାରୁନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସୁନାବେଡାର ଲିଙ୍ଗଭଙ୍ଗା ଆମ୍ବ ବଗିଚାଠାରେ ଏକ ମେଳି କରିଥିଲେ। ସୁନାବେଡା ସରପଞ୍ଚ ତିଲସିଂ ଝାଙ୍କରଙ୍କ ନେତୃତ୍ୱରେ ଆୟୋଜିତ ସାଧାରଣ ସଭାରେ ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଆଦିବାସୀମାନଙ୍କ ପାଇଁ ସରକାର ଅଣଦେଖା କରୁଛନ୍ତି। ଗୋଡାପାହାଡ ଉପରେ ବାସ କରୁଥିବା ଅଧିବାସୀ ଗମନାଗମନ, ବିଜୁଳି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ରହିଛନ୍ତି। ଏହାର ସମାଧାନ ରାଜ୍ୟ ସରକାର ଅତିଶୀଘ୍ର ନ କଲେ ଆମେ ଛତିଶଗଡ ରାଜ୍ୟରେ ମିଶିବୁ ବୋଲି ଜିଲା ପ୍ରଶାସନକୁ ସଭାରେ ଚେତାବନୀ ଦିଆଯାଇଛି। ସଭାରେ ବିଜୟ ଝାଙ୍କର, ବିଶ୍ରାମ ଛତ୍ରିଆ, ବିରକିଶୋର ଜଗତ, କମଳସିଂ ମାଝି, ଯାଦବ ଖମାରି, ଲକ୍ଷ୍ମଣ ସ୍ୱାଇଁ, ଜୁବରାଜ ଛତ୍ରିଆ, ଭୁଜବଳ ମାଝି, କଳିରାମ ସୁଆର, ପୁରନ ବିଶ୍ୱାଳ, ଗୋସିଙ୍ଗ ମାଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳିରେ ସୁନାବେଡା ପଞ୍ଚାୟତ ଗାତିବେଡା, ଢେକୁନପାଣି, ସାଲେଭଟା, ଆମାମୋଲା, ଦାଥୁନାମା, ସନବାହାଲି, କୋରଡାବେଡା ଓ ସୋସେଙ୍ଗ ପଞ୍ଚାୟତର ଅଡାର, ଧାକଲି, ସୋସେଙ୍ଗ, ଦେଓସି, ଭାବେସି, ଗୁରୁପାନି, ଶିବନାରାୟଣପୁର, ତାଲାବେଲା, ରୁପିଅମ, ଗଡଗଡା ଆଦି ଗାଁର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

